ISSN 0973-3264

# ସପ୍ତର୍ଷି

## ତୃତୀୟ ସଂଖ୍ୟା - ୨୦୧୪

(ଜୁଲାଇ - ସେପ୍ଟେମ୍ବର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

Scanned with OKEN Scanner

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | | |
| ୧- | ନିଜ ସାମ୍ରାଜ୍ୟରୁ ନିର୍ବାସିତ ଆହତ ଠାକୁର : 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର' | ଡ. ଆଲୋକ ବରାଳ | ୧ |
| ୨- | ରାମଚନ୍ଦ୍ର ବେହେରାଙ୍କ 'ଅବଶିଷ୍ଟ ଆୟୁଷ' : ଏକ ଦୃଷ୍ଟିପାତ | ଡ. ଶ୍ୟାମ ଭୋଇ | ୯ |
| ୩- | ଅଖିଳମୋହନ ଓ ତାଙ୍କ ଗଳ୍ପରେ ନାରୀ | ପ୍ରିୟ ରଞ୍ଜନ ପଟ୍ଟନାୟକ | ୧୪ |
| ୪- | ଓଡ଼ିଆ ରମ୍ୟରଚନା ପରମ୍ପରାରେ ଗୋପୀନାଥ ମହାନ୍ତିଙ୍କ 'କଲ୍ୟ ଶକ୍ତି' | ଡ. ସମୀର ଭୋଇ | ୧୮ |
| ୫- | ଉତ୍କଳର ମାୟାଧର ମାନସିଂହ - ଏକ ବିରଳ ବ୍ୟକ୍ତିତ୍ୱ | ଡ. ପୂର୍ଣ୍ଣେନ୍ଦୁ ତ୍ରିପାଠୀ | ୨୨ |
| ୬- | "ଶିମଳା ଯାତ୍ରା"ର ସାହିତ୍ୟିକ ମୂଲ୍ୟାୟନ | ଶିବ ପ୍ରସାଦ ତ୍ରିପାଠୀ | ୨୬ |
| ୭- | "ଅମୃତମୟ" : ଆତ୍ମପରିଚୟର ପରିଭାଷା | ସରୋଜକାନ୍ତ ଦାଶ | ୩୦ |
| ୮- | ଉତ୍କଳର ମନୀନ୍ଦ୍ର ମହାନ୍ତିଙ୍କ ଦୃଷ୍ଟିରେ ଶିଶୁ-ସାହିତ୍ୟ | ଶ୍ରୀ ପର୍ଶୁରାମ ପଣ୍ଡା | ୩୩ |
| ୯- | ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ ପୌରାଣିକ ଉପନ୍ୟାସ : ଏକ ଅନୁଶୀଳନ | ଆଶୁତୋଷ ରାଉତ | ୩୬ |
| ୧୦- | ଆଦିବାସୀ ଜୀବନଚର୍ଯ୍ୟାର ଅନୁପମ ସମ୍ଭାର : ଆଦିଭୂମି | ରାମାରାଓ ମାଝୀ | ୪୪ |
| ୧୧- | କବିତା ଗୋପ-ପ୍ରୟାଣର ପୃଷ୍ଠଭୂମିରେ କବି ମାୟାଧର ମାନସିଂହ | ନିର୍ମଳା କୁମାରୀ ମହାପାତ୍ର | ୪୮ |
| ୧୨- | ବଲାଙ୍ଗିର ପାଟଣାରେ 'ଖାରବେଳ ଗଡ଼' ଏକ ଅଧ୍ୟୟନ | ନାମଯଜ୍ଞ ମିଶ୍ର | ୫୪ |
| **ଗଳ୍ପ ବିଭାଗ :-** | | | |
| ୧୩- | ବିଚିତ୍ରବର୍ଣ୍ଣା | ସ୍ନେହଲତା ନାୟକ | ୬୧ |
| ୧୪- | କୁଳବୋହୂ | ଯଜ୍ଞେଶ୍ୱର ବିଶି | ୬୬ |
| **କବିତା ବିଭାଗ :-** | | | |
| ୧୫- | ଖୋଲା ପବନ | ଗୋପାଳକୃଷ୍ଣ ରଥ | ୬୯ |
| ୧୬- | ତୁମେ ଆସିଲେ... | ଭେଷଜ କୁମାର ଭୋଜ | ୬୯ |
| ୧୭- | ତୁମେ ଆସିବ ବୋଲି | ଡ. ଅରୁଣ କୁମାର ତ୍ରିପାଠୀ | ୭୦ |
| ୧୮- | ଯେଉଁଠି ତୁମର କରୁଣା ନାହିଁ | ଗିରିଜା ଶଙ୍କର ଶର୍ମା | ୭୧ |
| ୧୯- | ଛଳ | ଅଜୟ କୁମାର ମଲ୍ଲିକ | ୭୨ |
| ୨୦- | ଗୋଳମାଳ | ଶମ୍ଭୁନାଥ ଦାସ | ୭୩ |
| **ଏକାଙ୍କିକା ବିଭାଗ :-** | | | |
| ୨୧- | ଏକଲବ୍ୟ | ରଚନା : ପ୍ର. ରାଧାକାନ୍ତ ବାରିକ | ୭୪ |


Scanned with OKEN Scanner

# ଆଦିବାସୀ ଜୀବନଚର୍ଯ୍ୟାର ଅନୁପମ ସମ୍ଭାର : ଆଦିଭୂମି

. ରାମାରାଓ ମାଝୀ

ମହାଭାରତୀୟ ସଭ୍ୟତାର ବିକାଶ ଯୁଦ୍ଧରୁ ହିଁ ଆରମ୍ଭ ହୋଇଥିବା କଥା ଅନେକ ସମାଜ ତତ୍ତ୍ୱବିତ୍‌ମାନେ ବିଶ୍ୱାସ କରନ୍ତି । ପୁରାଣର ଦେବାସୁର ସଂଗ୍ରାମଠାରୁ ଆରମ୍ଭ ହୋଇ ଏହାର କ୍ଷେତ୍ର ଆର୍ଯ୍ୟ/ଅନାର୍ଯ୍ୟର ଧାରାରେ କ୍ରମେ ବ୍ରାହ୍ମଣ/କ୍ଷତ୍ରିୟ ଦ୍ୱିଜ/ଶୂଦ୍ର ସଂଗ୍ରାମର ରୂପ ପରିଗ୍ରହଣ କରିଥିବା ଲକ୍ଷ୍ୟ କରିହୁଏ । ବିଶ୍ୱାସ କରାଯାଏ ଯେ ଶ୍ରମ ବିଭାଜନ ପୂର୍ବରୁ ଏକମାତ୍ର ବର୍ଣ୍ଣପ୍ରଥା ଭାରତବର୍ଷରେ ପ୍ରଚଳିତ ଥିଲା । ତେଣୁ କୁହାଯାଇଥିଲା – 'କର୍ମକ୍ରିୟା ବିଶେଷଣ ଚର୍ତୁର୍ବର୍ଣ୍ଣ ପ୍ରତିଷ୍ଠତମ୍' । ଭାରତୀୟ ସାମାଜିକ ଜୀବନର ବର୍ଣ୍ଣବ୍ୟବସ୍ଥାକୁ ଏହି ଦୃଷ୍ଟିକୋଣରୁ ଅନୁଧ୍ୟାନ କରିହୁଏ । ଭାରତ ଏବଂ ସେହି ଧାରାରେ ଓଡ଼ିଶାର ସାଂସ୍କୃତିକ ଧାରାରେ ଆଦିମ ଅଧିବାସୀମାନଙ୍କ ସ୍ୱାତନ୍ତ୍ର୍ୟକୁ ଅବଶ୍ୟ ସ୍ୱୀକାର କରାଯାଇଛି । ଭାରତୀୟ ଧର୍ମଶାସ୍ତ୍ରକୁ ଅନୁଧ୍ୟାନ କଲେ ଦେଖାଯାଏ ଋଷିବ୍ୟାସ ଥିଲେ ଶୂଦ୍ର ପରାଶର ଓ ସତ୍ୟବତୀଙ୍କ ପୁତ୍ର । ସେହିପରି କଶ୍ୟପଙ୍କ ଦୁଇ ପତ୍ନୀ ଦିତି ଓ ଅଦିତି । ଦିତିଙ୍କ ସନ୍ତାନ ଦୈତ୍ୟ ଓ ଅଦିତିଙ୍କ ସନ୍ତାନ ଦେବତା । ଦୈତ୍ୟ ଓ ଦେବତା ଥିଲେ ଗୋଟିଏ ବଂଶ ଓ ପିତାଙ୍କ ପୁତ୍ର । ଅସୁର କଂସଙ୍କ ଭଗ୍ନିପୁତ୍ର ଥିଲେ ଲୀଳାମୟ ଶ୍ରୀକୃଷ୍ଣ । ପ୍ରତିଷ୍ଠିତ ଓ ଉପେକ୍ଷିତଙ୍କ ସାମାଜିକ ଅବସ୍ଥିତି ଏହି ଉଦାହରଣରୁ ଅନୁଭବ କରିହୁଏ । ଅଭିଜାତ ଦଳିତ ଓ ଅଭିଜାତ ସବର୍ଣ୍ଣ ରକ୍ତସଂପର୍କର କ୍ଷେତ୍ର ଗୋଟିଏ ପରିବାର ମଧ୍ୟରୁ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ପୁରାଣର ପରିସରରୁ ଇତିହାସର କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ଦେଖାଯାଏ, ଯେ ଆର୍ଯ୍ୟମାନଙ୍କ ଆଗମନ ପୂର୍ବରୁ ଏ ଭାରତବର୍ଷରେ ଏକ ପ୍ରାଚୀନ ଜନସମୂହ ମୂଳଭୂଖଣ୍ଡରେ ବସବାସ କରିଆସୁଥିଲେ । ସେମାନଙ୍କୁ ପରାଜିତ କରି ଏକ ନୂତନ ଜୀବନଧାରଣ ପ୍ରଣାଳୀ ଆର୍ଯ୍ୟମାନେ ଆରମ୍ଭ କରିଥିଲେ । ପରାଜିତ ଗୋଷ୍ଠୀ ସୁଦୂରକୁ ପଳାୟନ କରି ଦ୍ରାବିଡ଼ ଭାବେ ପରିଚିତି ଲାଭ କରିଥିଲେ । ନିଘଞ୍ଚଗିରି କନ୍ଦର ଓ ଅରଣ୍ୟକୁ ବାସସ୍ଥଳୀ ଭାବରେ ବାଛି ନେଇଥିବା ଗୋଷ୍ଠୀ ଆଦିବାସୀ ଭାବରେ ପରିଚିତି ଲାଭ କରିଥିଲେ । ଆର୍ଯ୍ୟମାନଙ୍କଠାରେ ଆତ୍ମସମର୍ପଣ କରିଥିବା ଅନ୍ୟ ଏକ ଗୋଷ୍ଠୀଟି ଦାସ ଭାବରେ ପରିଚିତି ଲାଭ କରି ପରବର୍ତ୍ତୀ ଦଳିତ ଭାବରେ ଏମାନେ ସ୍ୱୀକୃତିଲାଭ କରିଥିଲେ ।

ଭାରତୀୟ ସମାଜ ପରିକଳ୍ପନା ସଂପର୍କରେ ଆଲୋଚନା କରି 'Indian Society' ଗ୍ରନ୍ଥରେ S.C. Dube ଆଦ୍ୟ ଅନୁଧ୍ୟାନର 'The making of India Society' ଅଧ୍ୟାୟରେ କହିଛନ୍ତି – The Indo-Arya came Inter and had a long encounter with earlier inhabitants of the land. xxx They Were 'racists' in the sense that they regarded themselves as superior and tended to look down upon and deprecate the earlier inhabitants of the land, for whom they coined several derogatory terms. xxx This led to the origin of the Varnas (Literally complexions) and also of Jati (caste); the latter may have already existed in a rudimentary form because of the interaction between earlier ethenic elements. (N.B.T., India, ND, 2005, p.7)

ବାସ୍ତବିକ ପ୍ରାଚୀନ ସମୟରେ ଯାଯାବର ଜୀବନଯାପନ କରୁଥିବା ଆଦିମ ମଣିଷମାନେ ହେଉଛନ୍ତି ଆଦିବାସୀ । ପୃଥିବୀର ବିଭିନ୍ନ ଅଞ୍ଚଳରୁ ଅନୁପ୍ରବେଶ କରିଥିବା ଆର୍ଯ୍ୟଗୋଷ୍ଠୀ ଏବଂ ଦ୍ରାବିଡ଼ମାନଙ୍କର ଆକ୍ରମଣରେ ଏମାନେ ହୁଏତ ସମତଳ ଅଞ୍ଚଳକୁ ପରିତ୍ୟାଗ କରି ବଣ ଓ ପାହାଡ଼କୁ ବାସସ୍ଥଳୀ ଭାବରେ ବାଛି ନେଇଛନ୍ତି । କୁହାଯାଏ, ଆଦିବାସୀ ଶବ୍ଦଟି ଇଂରାଜୀ, 'ଅବୋରିଜିନ୍'ର ପ୍ରତିଶବ୍ଦ । 'ଅବୋରିଜିନ୍' କହିଲେ କୌଣସି ଦେଶର ସଭ୍ୟ ସମାଜର ପ୍ରତିଷ୍ଠା ପୂର୍ବରୁ ସେ ଅଞ୍ଚଳରେ ବସବାସ କରୁଥିବା ସ୍ଥାନୀୟ ଲୋକ ବା ଜନସମୂହକୁ ବୁଝାଏ । ନୃତାତ୍ତ୍ୱିକ ଭାଷାକୋଷରେ ଆଦିବାସୀ ଶବ୍ଦର ଅର୍ଥ ଏକ ଭାଷା, ଏକ ସଂସ୍କୃତି ଓ ଏକ ମୂଳଦୁଆ ଉପରେ ପ୍ରତିଷ୍ଠିତ ସାମାଜିକ ଗୋଷ୍ଠୀକୁ ବୁଝାଇଥାଏ । ଆଦିବାସୀ ମଣିଷ ସଭ୍ୟ ସମାଜଠାରୁ ଦୂରରେ ଏକ ସରଳ ଜୀବନଯାପନ କରିଥାନ୍ତି । ପ୍ରକୃତି ସହିତ ସେମାନଙ୍କ ସଂପର୍କ ଅତି ନିବିଡ଼ । ଏମାନଙ୍କର ଭାଷା ବେଶ୍ ଆଦିମ । ପଶୁ ଶିକାର ତଥା ଜଙ୍ଗଲଜାତ ଦ୍ରବ୍ୟ ଉପରେ ଏମାନେ ନିର୍ଭର କରିଥାନ୍ତି । ନୃତ୍ୟ, ଗୀତ ଏବଂ ମଦ୍ୟପାନରେ ଏମାନଙ୍କ ସମୟ ଅତିବାହିତ ହୋଇଥାଏ । ବେଦଠାରୁ ଆରମ୍ଭ କରି ମହାଭାରତ ଏବଂ ବୌଦ୍ଧଚର୍ଯ୍ୟା ଭିତରେ ଆଦିବାସୀମାନଙ୍କର ଚିତ୍ର ଦେଖିବାକୁ ମିଳିଥାଏ । ଓଡ଼ିଶାର ରାଷ୍ଟ୍ରଦେବତା ଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତିରେ ଆଦିବାସୀମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଶବର ପୂଜିତ ନୀଳମାଧବ ପରବର୍ତ୍ତୀ ସମୟରେ ଶ୍ରୀଜଗନ୍ନାଥ ଭାବରେ ରୂପାନ୍ତରିତ ହୋଇଥିବା ବିଶ୍ୱାସ କରାଯାଏ । ଓଡ଼ିଶାର ବାଷଠି ପ୍ରକାରର ଆଦିବାସୀ ଜନଜାତି ଦେଖାଯାଏ । ଓଡ଼ିଆ ସଂସ୍କୃତି, ଭାଷା, ସାମାଜିକ ଜୀବନ ସହିତ ଅତି ଘନିଷ୍ଠ ଭାବରେ ଏମାନେ ସଂପୃକ୍ତ । ଏହି ଜନଜାତିର ଉପସ୍ଥିତିକୁ କିନ୍ତୁ ବୌଦ୍ଧିକ ସମାଜ ଅତି ସହୃଦୟତାର ସହ ଗ୍ରହଣ କରିଥିବା ମନେହୁଏ ନାହିଁ । ଓଡ଼ିଶାର ସାରସ୍ୱତ କ୍ଷେତ୍ରକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟାର ଅଧିକାରୀ ହେବା ସତ୍ତ୍ୱେ ଏମାନଙ୍କର ସଂପର୍କରେ ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀ ପ୍ରାୟତଃ ନୀରବ । ଓଡ଼ିଆ ସାହିତ୍ୟର ସାନ୍ଧ୍ୟ ଭାଷା ଚର୍ଯ୍ୟାପଦ, ଶାରଳା ମହାଭାରତ, ମଧ୍ୟଯୁଗୀୟ କିଛି କାବ୍ୟରେ ଏମାନଙ୍କ କ୍ଷୀଣଚିତ୍ର ମିଳୁଥିଲେ ହେଁ ଏମାନଙ୍କ ସଂପର୍କରେ ସଭ୍ୟଗୋଷ୍ଠୀଙ୍କ ଦୃଷ୍ଟି ବିଶେଷ ଆକର୍ଷିତ ହୋଇନାହିଁ । ଭାରତୀୟ ଜୀବନଧାରଣ ପରିବର୍ତ୍ତନ ସହ



Scanned with OKEN Scanner

ଇଂରେଜମାନଙ୍କ ଆଗମନ ପରବର୍ତ୍ତୀ ଓଡ଼ିଆ କଥାସୃଷ୍ଟିରେ କିନ୍ତୁ ଅତି ବିସ୍ମୟକର ଭାବରେ ଆଦିବାସୀ ଜୀବନଚିତ୍ର ପାଠକଙ୍କୁ ମୁଗ୍ଧ କରିଛି। ଭଗବତୀ ଚରଣଙ୍କ 'ଶିକାର' ଗଳ୍ପଠାରୁ ଆରମ୍ଭ କରି ଫକୀରମୋହନଙ୍କ 'ଲଛମା' ଆଦିବାସୀ ଚରିତ୍ରକୁ ଅତି ସଫଳ ଭାବରେ ପାଠକଙ୍କ ଆଗରେ ଉପସ୍ଥାପିତ କରିଛି। ଏ ଦିଗରେ ଗୋପାଳବଲ୍ଲଭଙ୍କ 'ଭାମାଭୂୟାଁ' ଏକ ସ୍ୱତନ୍ତ୍ର ଅନୁଶୀଳନର ଅପେକ୍ଷା ରଖିଥାଏ। ସେହିପରି ଆଦିବାସୀ ଜୀବନକୁ ଅମୃତମୟ ସ୍ପର୍ଶ ଦେଇଛନ୍ତି ସ୍ରଷ୍ଟା ଗୋପୀନାଥ। ଗୋପୀନାଥଙ୍କ କଳାକୃତି ସଂପର୍କରେ ମତବ୍ୟକ୍ତ କରି କୁହାଯାଇଛି – In his potrayal of the tribal life Gopinath Mohanty invites comparison with the 'Nigorian novelist Chinua Achebe. At one level the vision are almost identical, they visualize the disintegration of a primitive community under the impact of a new faith or an alien value system.' (Mohanty, Arun Kumar, The Ancestor (Tr) Sahitya Academi, ND, 1997). ପରବର୍ତ୍ତୀ ସମୟରେ କାହ୍ନୁଚରଣଙ୍କ 'କାଢ଼ାକାଲେଲ', ବିଭୂତି ପଟ୍ଟନାୟକଙ୍କ 'ଚପଳ ଛନ୍ଦା', ଶଶିଭୂଷଣ ମହାପାତ୍ରଙ୍କ 'କ୍ରାନ୍ତିର ଅବବାହିକା', ପର୍ଶୁରାମ ମୁଣ୍ଡାଙ୍କ 'ବସୁନ୍ଧରାର ମାଟି', ନାରାୟଣ ମହାପାତ୍ରଙ୍କ 'କାଡେଗୋମାଙ୍ଗୋ' ଓ 'କାହାଣୀ ସବୁଜ ଉପତ୍ୟକାର', ଗୋବିନ୍ଦ ଦାଶଙ୍କ 'ଲାସୁ', ଅନାଦି ସାହୁଙ୍କ 'ମୁଣ୍ଡ ମେଖଳା', ଭାଗୀରଥି ନେପାକ୍ଙ୍କ 'ରାଉରକେଲାର ରାତ୍ରି', ବଳରାମ ମିଶ୍ରଙ୍କ 'ଡୁମ୍ବା', ଜ୍ଞାନେନ୍ଦ୍ର ବର୍ମାଙ୍କ 'ଅରଣ୍ୟର କଣ୍ଟକିତ', ହୃଷିକେଶ ପଣ୍ଡାଙ୍କ 'ସୁନାପୁଟର ଲୋକେ', ଅଖିଳ ନାୟକଙ୍କ 'ଭେଦ' ଏହିଧାରାରେ ଏକ ଏକ ଅନୁପମ ସୃଷ୍ଟି। କିନ୍ତୁ ଗୋପୀନାଥ ମହାନ୍ତିଙ୍କ ପରବର୍ତ୍ତୀ ସମୟରେ ସଂସ୍କୃତି, ସମାଜ, ନୃତ୍ୟତତ୍ତ୍ୱ ସହ ନନ୍ଦନତାତ୍ତ୍ୱିକ ସ୍ପର୍ଶ ଦେଇ ପ୍ରତିଭା ରାୟଙ୍କ ଆଦିଭୂମି ଓଡ଼ିଆ ସାହିତ୍ୟକୁ ଏକ ଅପୂର୍ବ ଦୀପ୍ତିରେ ମହିମାନ୍ୱିତ କରିଛି। ପ୍ରାଚୀନତମ ଜନଜାତି 'ବଣ୍ଡା' ସଂପ୍ରଦାୟକୁ ଆଧାର କରି ତାଙ୍କ କଥାସୃଷ୍ଟି ସଭ୍ୟ ସମାଜ ଆଗରେ ବାଢ଼ିଛି ନିଛକ ପ୍ରକୃତି କୋଳରେ ଜୀବନଧାରଣ କରିଥିବା ବଣ୍ଡା ଜାତିର ଅପୂର୍ବ ସମ୍ଭାର। ଆଦିଭୂମିର 'ଆଦି କଥନୀ' ପରିସରରେ ସ୍ରଷ୍ଟା ସ୍ପଷ୍ଟ କରିଦେଇଛନ୍ତି ଯେ – 'ଆର୍ଯ୍ୟଭୂମି ନୁହେଁ, ଅନାର୍ଯ୍ୟ ଭୂମି ନୁହେଁ, ଆଦିମ ମଣିଷର ଆଦିଭୂମି ସ୍ୱାଧୀନ 'ବଣ୍ଡା ଦେଶ'। ବଣ୍ଡାମାନଙ୍କ ବିଶ୍ୱାସରେ ବଣ୍ଡା ପାହାଡ଼ରୁ ପୃଥିବୀର ଆରମ୍ଭ। ସେଇଠି ଜନ୍ମିଥିଲା ପ୍ରଥମ ମୁଣ୍ଡୁଷ ଓ ପ୍ରଥମ ସେଲାନି (ନାରୀ); ସେହି ପ୍ରଥମ ମଣିଷ ଦମ୍ପତିଙ୍କଠାରୁ ଜନ୍ମନେଇ ବାରଭାଇ ଏବଂ ବାରଟି ଗାଁ ବସେଇ ବିସ୍ତରିଗଲେ ବତିଶି ଗାଁକୁ। ସଂପତ୍ତି, ସଲପ ଗଛ, ସେଲାନି (ନାରୀ) ଓ ଗୋରୁଙ୍କୁ ନେଇ ଆରମ୍ଭ ହେଲା ବିବାଦ ଏବଂ ସେମାନଙ୍କ ଭିତରୁ ଦଳେ ଓହ୍ଲାଇଗଲେ ତଳ ପାହାଡ଼କୁ, ତଳବଣ୍ଡା ହୋଇ; ଏବଂ ବିସ୍ତରିଗଲେ ସମଗ୍ର ପୃଥିବୀ। ବଣ୍ଡାର ଏହା ହେଲା ଯାତ୍ରା ଇତିହାସ। ମୂଳବଣ୍ଡା ବିଶ୍ୱାସ କରେ ତା'ର ପରିଚୟ ହେଉଛି 'ନିଙ୍ଗଜାତି' ବା 'ରେମୋ' (ମଣିଷ ଜାତି)। ମା' (ଜଙ୍ଗ)ରୁ ମାଟି। ମା'ର ଜାତି ନାହିଁ, ମାଟିର ଜାତି ନାହିଁ, ରେମୋ ବା ମଣିଷର ଜାତି ନାହିଁ। ତା'ର ଭାଷା ରେମୋସାମ୍ (ମଣିଷ ଭାଷା) ତା'ର ଗୋଟିଏ ଗାଁ ଭଗବାନ – ମହାପ୍ରଭୁ। ମହାପ୍ରଭୁ କେତେବେଳେ ପାଟଖଣ୍ଡା ରୂପ ନିଅନ୍ତି ତ କେତେବେଳେ ପ୍ରକୃତି ରୂପରେ ପୂଜା ପାଆନ୍ତି। ବଣରେ ଜାତ ହେତୁ ସେ ବଣ୍ଡା। ସାତ ଆଠ ବର୍ଷର ବଣ୍ଡା ବାଳକ ଯଥେଷ୍ଟ ବୟସରେ ବଡ଼ ସ୍ତ୍ରୀକୁ ବାହାହୁଏ। ବଣ୍ଡା ଘରେ ତାଲା ପଡ଼େ ନାହିଁ। ବଣ୍ଡା ଲଙ୍ଗଳ ମଣିଷ। ଯଦିବା ଲୁଗା ଖଣ୍ଡେ ପଡ଼େ, ତାହା ବାହାରକୁ। ଭିତରେ ସେ ଯେଉଁ ଲଙ୍ଗଳାକୁ ସେଇ ଲଙ୍ଗଳା। ଏପରି ଏକ ଜାତିର ଜନ୍ମ, ମରଣ, ବିବାହ, ଯୁଦ୍ଧ, କ୍ଷୁଧା, ସ୍ୱପ୍ନ ଓ ସମ୍ଭାବନାର ସମନ୍ୱୟ ରୂପ 'ଆଦିଭୂମି'।

ସଭ୍ୟ ଜନତାର ଆଖିରେ ବଣ୍ଡା ହେଉଛି ନଗ୍ନମଣିଷ। ଉଗ୍ରମଣିଷ। ଅତି ପ୍ରାଚୀନ ଏ ଜନଜାତି ସଭ୍ୟତାବିମୁଖ ରଣରଙ୍ଗା। ଅନ୍ୟ ପକ୍ଷରେ କିନ୍ତୁ ସତ୍ୟନିଷ୍ଠ ଓ ସମ୍ବେଦନଶୀଳ। ଔପନ୍ୟାସିକା ପ୍ରତିଭା ରାୟଙ୍କ ସତରତମ ଏହି ଉପନ୍ୟାସ ଦୀର୍ଘ ଆଠବର୍ଷର କଷ୍ଟସାଧ ଗବେଷଣା ଉପରେ ପ୍ରତିଷ୍ଠିତ। ରଚନାର ଉତ୍ସ ସମ୍ପର୍କରେ ସ୍ରଷ୍ଟା କହନ୍ତି – "ବଣ୍ଡା ନିଜେ ହିଁ ମୋର ପ୍ରେରଣାଦାତା। ବଣ୍ଡା ଦେଶର ମାଟି ହେଉଛି ମୋ ପ୍ରେରଣାର ମୂଳଭୂମି। ××× ଆଦିଭୂମି ଏକ ଉପନ୍ୟାସ ହେଲେ ମଧ୍ୟ ସତ୍ୟାଶ୍ରୟୀ। ଏଥିରେ ସତ୍ୟ ଓ କଳ୍ପନା ମିଶି ଏକାକାର ହୋଇଛନ୍ତି।" (ପୃ.୨୨୮) ଓଡ଼ିଶାର ଆଦିମତମ ଜନଜାତି ବଣ୍ଡାମାନଙ୍କ ଜୀବନଦର୍ଶନ, ସଂସ୍କୃତି, ପରମ୍ପରା, ଆଚାରବିଚାର ଓ ବିଶ୍ୱାସକୁ ଆଧାର କରି ଗଢ଼ି ଉଠିଛି ଉପନ୍ୟାସ। ବଣ୍ଡା ଦେଶରେ ନଈ ନାହିଁ, ଅଛି ଝୋଲା, ଝରଣା, ପାରଖି (ନାଳ) ଆଉ ହଜାର ହଜାର ବର୍ଷର ମଣିଷ ସଂସ୍କୃତିକୁ ମୁକୁଟ ମଣ୍ଡେଇ ବସିଥିବା ପାହାଡ଼, ପର୍ବତ। ପାହାଡ଼ ଉପରେ ପାହାଡ଼, ତା' ଉପରେ ପାହାଡ଼, ନୀଳନୀଳ ପାହାଡ଼। ସେହି ପାହାଡ଼ର ପାଦଭୂମିରୁ ଚାରିହଜାର ଫୁଟ ଉପରେ ବିତିଶି ଗାଁ ମିଶି ବଣ୍ଡା ଦେଶ। (ପୃ.୨୨୯) 'ମାଲ୍‌କାନଗିରି ଖଇରପୁଟ ବ୍ଲକ୍ ଅନ୍ତର୍ଗତ ମାଛକୁଣ୍ଡ ନଦୀର ଉତ୍ତର-ପଶ୍ଚିମ ଦିଗରେ ଅବସ୍ଥିତ ବଣ୍ଡା ପାହାଡ଼ ଏବଂ ତା' ଉପରେ କେଉଁ ଅନାଦିକାଳରୁ ବସବାସ କରୁଥିବା ଆଦିମ ମଣିଷ ବଣ୍ଡା ନାମରେ ପରିଚିତ। ଏମାନେ ଅତୀତ ସଂପର୍କରେ ଅଜ୍ଞ, ବର୍ତ୍ତମାନ ଦିଗରେ ସଂପୂର୍ଣ୍ଣ ନିର୍ଲିପ୍ତ। ବର୍ତ୍ତମାନ ସର୍ବସ୍ୱ ଏ ମଣିଷ ଦୃଷ୍ଟିରେ – "ବଣ୍ଡାର ବିଶ୍ୱାସ ଯେ ପୃଥ୍ୱୀ ଆରମ୍ଭ ବଣ୍ଡା ପାହାଡ଼ରୁ, ଆଦିମାଟିର ଜନ୍ମ ସେହି ପାହାଡ଼ର ଉପତ୍ୟକା ଖୋପରୁ, ସେଇଠି ଜନ୍ମିଥିଲା ପ୍ରଥମ ମଣୁପୁରୁଷ ଓ ପ୍ରଥମ ସେଲାନୀ (ନାରୀ)। ତାଙ୍କର ଗର୍ଭରୁ ପ୍ରଥମ ପିଲା ମେକି (ପୁଅ ଝିଅ) ହେଲେ ପୃଥ୍ୱୀର ମୁଣ୍ଡୁଷ – ଭାରିଯା (ସ୍ୱାମୀ, ସ୍ତ୍ରୀ)। ତାଙ୍କଠାରୁ ଜନ୍ମନେଲେ ବାରଭାଇ। ବଣ୍ଡା ପର୍ବତ ବାରଟି ଗାଁ ବସେଇ "ବାର ଜଙ୍ଗଲ ଦେଶ"ରେ ଯୁଗରାଇଜ କଲେ। ପୁଣି ବିସ୍ତାରିଗଲେ ବତିଶ ଗାଁକୁ। ଭାଇ ଭାଇରେ ସଂପତ୍ତିର ମାଲିକାନା ସଲପ ଗଛ, ସେଲାନୀ (ନାରୀ) ଓ ଗୋରୁଙ୍କୁ ନେଇ ବିବାଦ ଉପୁଜିବାରୁ ଦଳେ ଓହ୍ଲାଇଗଲେ ପାହାଡ଼ ତଳକୁ ତଳବଣ୍ଡା ହୋଇ। ପୁଣି ବିସ୍ତାରିଗଲେ ପୃଥ୍ୱୀ ଏ ମୁଣ୍ଡରୁ ସେ ମୁଣ୍ଡ। ××× ଏମିତି ସୃଷ୍ଟି ହେଲା ମଣିଷମୟ ପୃଥ୍ୱୀ।"

ସମୟକ୍ରମେ ବଣ୍ଡାମାନଙ୍କ ଭିତରେ ସୃଷ୍ଟି ହୋଇଛି ବିଭେଦ ଏବଂ ପରିଣତି ସ୍ୱରୂପ ଉପର ବଣ୍ଡା, ତଳବଣ୍ଡା ଓ ଅଣବଣ୍ଡାରେ ପରିଣତ ହୋଇଛି ଏ ସଂପ୍ରଦାୟ । ଉପରବଣ୍ଡା ମଣିଷର ଆଦିଭୂମି ଆଦରି ପରିଚୟ ଦେଇଛି "ନିଙ୍ଗ୍ ଜାତି ବା ରେମୋ" (ମୁଁ ଜାତିରେ ମଣିଷ) ମା' (ଜଙ୍ଗ୍) ଠୁ ସୃଷ୍ଟି ମାଟି ଆଉ ଦେଶ । ଫଳରେ ବାରଟି ଗାଁକୁ ନେଇ ଗଢ଼ି ଉଠିଥିବା ସ୍ୱାଧୀନ ଦେଶ ଓ ଜାତିକୁ ନେଇ ବଣ୍ଡା କହିଲା, "ବାର ଜଙ୍ଗଲ (ମାର) ଦେଶ, ମା'ର କିଛି ଜାତି ନାହିଁ, ସେ ମା'-ମାଟିର କିଛି ଜାତି ନାହିଁ, ସେ ମାଟି-ମଣିଷର କିଛି ଜାତି ନାହିଁ, ସେ ମଣିଷ (ରେମୋ) ଏଇ ଚିରନ୍ତନ ବିଶ୍ୱାସ ଓ ମୂଲ୍ୟବୋଧକୁ ଜାବୁଡ଼ିଧରି ବଣ୍ଡା ଦେଶର ଅଧିବାସୀ ବଞ୍ଚିଆସିଛି ଏଯାବତ୍ ।"

ବଣ୍ଡାମାନଙ୍କର ଭାଷା ହେଉଛି 'ରେମୋସାମ୍' (ମଣିଷ ଭାଷା) । ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ମଣିଷଙ୍କ ଜାତି ହେଉଛି ଗୋଟିଏ ରେମୋ ଜାତି । ଗୋଟିଏ ଭଗବାଁ ମାହାପ୍ରୁର, ଏ ମାହାପ୍ରୁର କେତେବେଳେ ପାଟଖଣ୍ଡା ରୂପରେ ତ, କେତେବେଳେ ପ୍ରକୃତି ରୂପରେ ପୂଜା ପାଇଥାନ୍ତି । ଗୋଷ୍ଠୀବଦ୍ଧ ଭାବରେ ପୂଜା, ପ୍ରାର୍ଥନା, ଭୋଜିଭାତ, ପର୍ବପର୍ବାଣିରେ ଆପଣାକୁ ବାଣ୍ଟି ଦେଇଥାଏ ବଣ୍ଡା । ଶିକ୍ଷିତ ମଣିଷଙ୍କ ଆଖିରେ ସେ ବଣମଣିଷ, ହିଂସ୍ର, ଅସଭ୍ୟ ଏବଂ ମଣିଷ ମାରୁ । ବାସ୍ତବିକ କିନ୍ତୁ ନିରୀହ, ସ୍ୱଚ୍ଛ, ସରଳ, ଈଶ୍ୱର ବିଶ୍ୱାସୀ ବଣ୍ଡା ମୁକ୍ତ ଓ ସ୍ୱାଧୀନ ସାମ୍ରାଜ୍ୟଟିଏ ଗଢ଼ିଥାଏ । ତା'ର ସ୍ୱାଧୀନତାରେ ଆଞ୍ଚ ଆସିଲେ ସେ ହିଂସ୍ର ଓ ଉଗ୍ର ହୋଇଉଠେ । ତେଣୁ ତ ସିମେଣ୍ଟ କଂକ୍ରିଟ୍‌ର ସହରଠାରୁ ନିରାପଦ ଦୂରତ୍ୱରେ ପ୍ରକୃତି କୋଳରେ ସେ ଗଢ଼ିଥାଏ ଆପଣାର ସଂସାର । ବଣ୍ଡା ଲଙ୍ଗଳା ହୋଇ ଜନ୍ମେ ଏବଂ ଲଙ୍ଗଳା ହୋଇ ମୃତ୍ୟୁ ପରେ ଦାହ ହୋଇଥାଏ । ବଣ୍ଡାର ଅର୍ଥ ଲଙ୍ଗଳା । ଏହାକୁ ନେଇ ସେ ଗର୍ବ କରେ । 'ବଣ୍ଡା ଜୀବନକୁ ସମ୍ମାନ ଜଣାଇ ସ୍ରଷ୍ଟା ସ୍ୱୀକାର କରନ୍ତି - "'ଆଦିଭୂମି' ଉପନ୍ୟାସ ଏକ ମହାନ୍ ଆଦିମ ସଂସ୍କୃତିର ଅଲିଖିତ ସ୍ୱପ୍ନ ଓ ଇତିହାସକୁ ହିଁ ସାକାର କରିବାର ପ୍ରୟାସ କରିଛି । ସୋମା ମୁଦୁଲିଠାରୁ ସୋମା ସୀସା ପର୍ଯ୍ୟନ୍ତ ସ୍ଥିର ପୁଣି ଗତିଶୀଳ ସମୟ ହିଁ ଏ ଉପନ୍ୟାସର ନାୟକ, ଯିଏ ରେମୋକୁ ଅଧିକାର ଦେବା ପାଇଁ ନିରସ୍ତ୍ର ପାଲଟିଛି ସୋମା ମୁଦୁଲି, ପୁଣି ବିପ୍ଳବୀ ପାଲଟିଛି । ସୋମା ସୀସା ଏଠାରେ ପୁଣି ସର୍ବଶକ୍ତିମାନ ।" (ଆଦିଭୂମି, ପୃ.୨୩୩)

'ଆଦିଭୂମି' ଉପନ୍ୟାସର ପ୍ରଥମ ଭାଗ ପଶ୍ଚିମ, ଦ୍ୱିତୀୟ ଭାଗ ପୂର୍ବ, ତୃତୀୟ ଭାଗ ଦକ୍ଷିଣ, ଚତୁର୍ଥ ଭାଗ ଉତ୍ତର ଏବଂ ପରବର୍ତ୍ତୀ ପର୍ଯ୍ୟାୟ ଅନନ୍ତର ଭାବରେ ରୂପଲାଭ କରିଛି । ଆଦିମାନବର ଲୌକିକ ବିଶ୍ୱାସ ସକଳ ସୃଷ୍ଟିର ଆଧାର ଅନନ୍ତ, ଅନାଦି, ଅନାକାର । ସେ ବୁଝେ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ - ଅତର ସିଂ, ଅଲ୍ଲକ୍ ସିଂହ, ବିଚି ସିଂହ, କିଆଙ୍ଗ ସିଂ : ଏ ଚାରୋଟି ଦିଗ ସିଙ୍ଗି ଆର୍କେଙ୍କୁ (ସୂର୍ଯ୍ୟଚନ୍ଦ୍ର) ଉଦେ କରାଏ, ବୁଡ଼ାଏ ××× ଯେତେବେଳେ ଖାଲି ପୃଥ୍ୱୀ ଜନ୍ମିଲା ସିଙ୍ଗି ଅର୍କେ ଜନ୍ମିନଥିଲେ, ସବୁଦିଗ ଥିଲା ପଶ୍ଚିମ ଦିଗ, ଚାରିଆଡ଼ ରାତି-ଅନ୍ଧାର, ଅମୁହାଁ ଆକାଶ, ମଣିଷ ଦିଗ ଖୋଜୁଥିଲା, ଆଲୁଅ ଖୋଜା ନିଶାରେ । ଭଗବାଁ ମଣିଷର ସୁବିଧା ପାଇଁ ଜନ୍ମଦେଲେ ସୂର୍ଯ୍ୟଚନ୍ଦ୍ରଙ୍କୁ - ଡିଆଇଲେ ଆଲୁଅ ଅନ୍ଧାର କାଟିବାକୁ । ଏହି ଲୋକ ମିଥ୍‌ଟି ଏଯାବତ୍ ବଣ୍ଡା ଅଞ୍ଚଳରେ ପ୍ରଚଳିତ ।

ସେହିପରି ଉପନ୍ୟାସରେ ବଣ୍ଡାଜାତିର ଆରମ୍ଭର କଥାନୀ କହିବସେ - "ପୃଥ୍ୱୀ କେମିତି ସୃଷ୍ଟି ହେଲା, ସେ କଥା ଭଗବାଁଙ୍କୁ ଜନା । ତେବେ ପୃଥ୍ୱୀ ସୃଷ୍ଟି କାଳରେ ତୁବୁ (ମାଟି) ନଥିଲା, ବିରେ (ପଥର) ନଥିଲା, ଚାରିଆଡ଼େ ଲହଡ଼ି ଭାଙ୍ଗୁଥିଲା ଡାକ୍ (ପାଣି) ବ୍ରହ୍ମାଣ୍ଡଟା ଥିଲା ଗୋଟିଏ ବିରାଟ ଫାରା (ପୋଖରୀ), ଗୋଟିଏ ବାରିହା (ବଣ ଘୁଷୁରି) ସେହି ଜଳରେ ରହୁଥିଲା । ତାରି ଶୁଣ୍ଢରେ ପାଣି ଭିତରୁ ତୁବୁକ୍ - ଉଠାଇ ଆଣି ବିଞ୍ଚିଦେଲା ଉପରକୁ । ଯେଉଁଠି ଯେଉଁଠି ମାଟି ପଡ଼ିଲା ସେଠି ପୃଥ୍ୱୀ ହୋଇଗଲା । ମାଟି ନପଡ଼ିବା ସ୍ଥାନରେ ରହିଲା ନଦୀ, ପରାଖ (ନାଳ), ଝୋଲା (ଝରଣା) । ବାରିହା ମାଟି ଉପରେ ଗୋଡ଼ ରଖି ଆକାଶକୁ କୁଦାମାରି ମାରିଲା । ମାତ୍ର ସେଠି ନଥିଲେ ସିଙ୍ଗି ଆରକେ (ଚନ୍ଦ୍ର ସୂର୍ଯ୍ୟ) । ଯେମିତି ସାରା ସଂସାରଟା ପଶ୍ଚିମ ଦିଗ ଖାଲି ଅନ୍ଧାର । ବାରିହା ତଳମୁହାଁ ହୋଇ ଡେଇଁପଡ଼ିଲା ସଲପ ଗଛ ବାହୁଙ୍ଗା ଉପରକୁ, ଗୋଟିଏ ତାଜା ସଲପ ବାହୁଙ୍ଗା କାଟି ଛୋଟ ଛୋଟ ଦୁଇଖଣ୍ଡ ଫିଙ୍ଗିଦେଲା ଆକାଶକୁ । ଆକାଶରେ ଲଟକିପଡ଼ିଲା ସେ ଦି'ଖଣ୍ଡ ଚନ୍ଦ୍ର ସୂର୍ଯ୍ୟ ହୋଇ । ସଲପ କନ୍ଦା ଉପରକୁ ଫିଙ୍ଗିଦେଲା ବାରିହା । ସଲପ ଫୁଲ ସବୁ ବିଞ୍ଚି ହୋଇ ଆକାଶରେ ତାରା ଫୁଟିଗଲେ । ଏମିତି ସୃଷ୍ଟି ହେଲା ଆଦିମ ପୃଥିବୀ ।" (ପୃ.୨୩୫) ସେହିପରି ଆପେ ଆପେ ଜନ୍ମିଲେ ପଶୁପକ୍ଷୀ । ବଣ୍ଡାଜାତିର ମିଥ୍ ବିଶ୍ୱାସ ଉପରେ ପ୍ରତିଷ୍ଠିତ ଏବଂ ଅସଂଖ୍ୟ କିମ୍ବଦନ୍ତୀ, ଆଖ୍ୟାୟିକା ଓ ମିଥ୍ ମଧ୍ୟରେ ପରିଚାଳିତ ।

'ବଣ୍ଡାମାନଙ୍କର ବିଶ୍ୱାସ ଯେ ଇଷ୍ଟଦେବ ପାଟଖଣ୍ଡା ମହାପ୍ରୁର ଏବଂ ଇଷ୍ଟଦେବୀ ଦାମୁଲଦେଈ ଏକ କିମ୍ବଦନ୍ତୀ ମାଧ୍ୟମରେ ପ୍ରସିଦ୍ଧି ଲାଭ କରିଛନ୍ତି । କିମ୍ବଦନ୍ତୀ କହେ - "ନନ୍ଦପୁର ହେଉଛି ପାଟଖଣ୍ଡା ମହାପ୍ରଭୁଙ୍କର ମୂଳପୀଠ - ଦାମୁଲ ଦେଈ ତାଙ୍କ ଭଉଣୀ । ଭାଇଭଉଣୀ ଆଦିକାଳରୁ ବଡ଼ ସୁଖରେ ଚଳୁଥିଲେ । ଦିନେ ପାଟଖଣ୍ଡା ମହାପ୍ରୁର ଶିକାର କରିଯାଇଥାନ୍ତି । ଦାମୁଲ ଦେଈ ସୁଆଁ କୁଟୁଥାନ୍ତି, ବୁଙ୍ଗୁକ୍ ସିଂ (ଅଗଣା)ରେ ବସି ବଡ଼ୟା (ଗ୍ରୀଷମ) ଗଡ଼ି ଉଠୁଛି ଦେହରୁ । ରୁଙ୍ଗାମାଲ (ଅଣ୍ଟାଲୁଗା) ଖୋଲି ଦେଇ ସୁଆଁ କୁଟିଲେ । ଏତିକିବେଳକୁ ମହାପ୍ରୁର ଆସି ପହଞ୍ଚିଗଲେ । ଦୂରରୁ ଭଉଣୀର ଖୋଲାଦେହ ଦେଖି ଲାଜ ପାଇଲେ । ହାଲ୍‌କା ତୀରଟିଏ ବିନ୍ଧିଲେ, ଯେମିତି ଭଉଣୀ ଜାଣିବ, ହେଲେ ତୀର ଫୁଟିବନି । ଦାମୁଲଦେଈ ତୀର ଛୁଆଁରେ ଚମକି ପଡ଼ିଲେ । ଲାଜରେ ଲୁଗାମାଳି ନେବାକୁ ତର ସହିଲାନି । ହାତରେ କୁଟୁଣୀ ଆଉ ଝାଡ଼ୁଧରି ମାଟି ତଳେ ପଶିଗଲେ । ମହାପ୍ରୁର ଧାଇଁଯାଇ ତାଙ୍କ ଚୁଟିକୁ ଶକ୍ତ ମୁଠାରେ ଧରି ପକାଇଲେ । ଭଉଣୀ ମୁଣ୍ଡରି (ସୀତାକୁଣ୍ଡ) ଝୋଲାପାଣିରେ । ଦାମୁଲଦେଈ ପାଣିରେ ବୁଡ଼ି ବୁଡ଼ି ଉଠିଲେ ଯାଇ ତଳ ଇଲାକାରେ ଗୁମାଁ ଗାଁରେ । ମାଟି ଉପରକୁ ଆସି ଝାଡ଼ୁଧରି ଠିଆ ହେଲେ ଭାଇଙ୍କୁ ଝାଡ଼ୁରେ ପିଟିବେ ବୋଲି । ମହାପ୍ରୁର ଭଉଣୀର ବାଳକେରାକ ରାଗରେ କାଟିଦେଲେ । ଏସବୁ ଖେଳେଇ ହୋଇପଡ଼ିଲା ବଣ୍ଡା ପାହାଡ଼ରେ । ପରେ ଘାସ ହୋଇ ମାଡ଼ିଗଲା ପାହାଡ଼ ସାରା । ମହାପ୍ରୁର ବଣ୍ଡା ପାହାଡ଼ର ମୁଦୁଲିପଡ଼ା ବରଗଛ କୋରଡ଼ରେ

ଲୁଚିଲେ । ଲାଜରେ ଦାମୁଲଦେଈ ପିଁଧିରିଗାଁ ଛାଡ଼ି ଆସିଥିବା ଯୋଗୁଁ ପଥର ପାଲଟିଗଲେ । ମହାପ୍ରଭୁ ଭଉଣୀକୁ ପଥର ପାଲଟିବାର ଦେଖି ବଡ଼ ଦୁଃଖରେ ନିଜେ ପାଟଖଣ୍ଡା ପାଲଟିଯାଇ ମୁଦୁଲିପଡ଼ାରେ ରହିଗଲେ ।" (ପୃ.୨୩୭) ଏଯାବତ୍ ଗୁମାଗାଁ ରାସ୍ତାର ଝରଣା କୂଳରେ ଦେଖାଯାଏ ଖଣ୍ଡେ ପଥର ସ୍ତମ୍ଭ (ଖୁଣ୍ଟ) ଆଉ କୁରୁଣ୍ଡାର ଚିହ୍ନ । ପାଟଖଣ୍ଡାଙ୍କ ପୂଜା ମାଘ ପର୍ବରେ ପ୍ରଥମେ ଆରମ୍ଭ ହୋଇ ଆଠଦିନ ପରେ ତଳ ଇଲାକାରେ ଦାମୁଲଦେଈଙ୍କ ପୂଜା ହୁଏ । ବଣ୍ଡା ସ୍ତ୍ରୀମାନଙ୍କ ବସ୍ତ୍ର ପରିଧାନ ସଂପର୍କରେ ସେହିପରି ଏକ କିମ୍ବଦନ୍ତୀ ପାଠକମାନଙ୍କୁ ରାମାୟଣର ପରିସରକୁ ଟାଣି ନେଇଥାଏ । ଚଉଦବର୍ଷ ବନବାସ କାଳରେ ସୀତା ଠାକୁରାଣୀ ବଣ୍ଡା ପାହାଡ଼ର ମୁଦୁଲିପଡ଼ା ଗାଁର କିସୁବୋଡ଼ (ଝରଣା)ରେ ପରିଧାନ ପରିତ୍ୟାଗ କରି ସ୍ନାନ କଲାବେଳେ; ବଣ୍ଡା ସ୍ତ୍ରୀମାନେ ତାଙ୍କୁ ଦେଖି ହସିଥିଲେ । ସୀତାଙ୍କ ଅଭିଶାପ ଫଳସ୍ୱରୂପ ସେମାନେ ଏଯାବତ୍ ଉଲଗ୍ନ ରହିବା ପାଇଁ ବାଧ ହୋଇଛନ୍ତି । ତାଙ୍କ ବିଶ୍ୱାସରେ ସୀତା କହିଥିଲେ, "ମାଇପି ହେଇ ମାଇପି ଦିହ ଦେଖି ହସିଲ । ତମକୁ ଦେଖି ଜଗତ ହସିବ । କଳିକାଳେ ତମେ ଉଲଗ୍ନ ରହିବ । ମୁଣ୍ଡର ବି ବାଲ୍ ରଖିବନି । ମୁଣ୍ଡରୁ (ଲାଣ୍ଡି ହୋଇ) ବୁଲିବା ମୁଣ୍ଡରୁ ଗୋଇଠି ବିବାକ୍ ଖୋଲା । ଯଦି ବାଳ ଖଣ୍ଡୁରେଇବ, ଯଦି ଦିହ ଢାଙ୍କିବ, ତେବେ ବଣ୍ଡା ପର୍ବତମାଳାର ଏ ମୁଣ୍ଡରୁ ସେ ମୁଣ୍ଡ କୁଶ କଅଁଳିବନି । ବଣ୍ଡା ଜାତିର ବଂଶ ବୁଡ଼ିଯିବ । ଟୋକାନୀମାନେ କାନ୍ଦିବାରୁ ମା' ସୀତା ଠାକୁରାଣୀଙ୍କ ମନରେ ଦୟା ହେଲା । ଆପଣାର ଲୁଗାଧଡ଼ିରୁ ସୂତାଟିଏ ଟାଣି ଆଣିଲେ । କହିଲେ ନିଅ । କଳିଯୁଗରେ ଲୁଣ୍ଡିଠୁ (ନାହି) ତଳକୁ ଜଂଘଠୁ ଉପରକୁ ଏତିକି ଓସାରର ଖଦୀରେ ଲାଜ ଘୋଡ଼େଇବ । ତା'ଠୁ ବେଶୀ ଲମ୍ବ, ଓସାର କଲେ ଭୂମି ପଡ଼ିବ ଲଣ୍ଡା । ମୁଣ୍ଡର ବାଳ କଅଁଳେଇଲେ ଗଛଲତାରେ ପତର କଅଁଳିବନି ଏଇ ତମର ଶାସ୍ତି ।" (ପୃ.୨୩୮)

ମାତୃଗର୍ଭରୁ ଭୂଗର୍ଭ ଏବଂ ଭୂଗର୍ଭରୁ ମାତୃଗର୍ଭକୁ ଯାତ୍ରା ଭିତରେ ସଭ୍ୟ ସମାଜଠାରୁ ଉନ୍ନତ ଦୃଷ୍ଟିଭଙ୍ଗୀ ନେଇ ବଞ୍ଚେ ବଣ୍ଡା ସମାଜ । ମାତୃକେନ୍ଦ୍ରିକ ଏ ସମାଜରେ ନାରୀ ହେଉଛି ସର୍ବମୟୀ କର୍ତ୍ତ୍ରୀ । ନାରୀର ବାପର ସଂପତ୍ତିରେ ଭାଗ ନାହିଁ । କୋଡ଼ିଏ ବାଇଶି ବର୍ଷ ଯାଏଁ ପରିବାରର ଭରଣପୋଷଣ ସେ ମୁଣ୍ଡାଏ । ବାହାଘରବେଳେ ଶାଶୁର ଟଙ୍କା ଆଦାୟ କରେ । ମା' ସାଙ୍ଗରେ ଚାଷକୁ ଯାଏ, ବଗିଚାରେ କାମ କରେ, ଘରେ କାମ କରେ । ବଣ୍ଡାର ଯୋଗାଣୀ ପାଇଁ ବଡ଼ ଶରଧା ପୁଅ ନୁହେଁ । ଗଣ୍ଡଗୋଳ କରେ । ମରିବ, ମାରିବ ଚିନ୍ତାରେ କାଳ କାଟେ । ଦଶ ବର୍ଷ ବୟସରେ ବାହାହୁଏ । ଭିନ୍ନ ଘରେ ରୁହେ । ଚାଷ ଅଲଗା, ଘର ଅଲଗା, ବାପା ମା'ଙ୍କୁ ପଚାରିବାର ପ୍ରଶ୍ନ ନାହିଁ । ବଣ୍ଡା ସ୍ତ୍ରୀର ଦୃଷ୍ଟିକୁ ଔପନ୍ୟାସିକଙ୍କ ଶବ୍ଦରେ "ବଣ୍ଡୁଣୀର ଯେତେ ଦୁଃଖ, ଯେତେ କଷ୍ଟ ସେ ଲୁହରେ ବୁହାଇ ଦିଏନି, ଝାଳରେ ବୁହାଇଦିଏ । ଦୁଃଖର ଲୁହରେ ଛାତିକୁ ଓଦା କରେନି, ଦୁଃଖର ଝାଳରେ ମାଟିକୁ ଯେତେ ଓଦା କରେ । ଛାତି ଓଦା ହେଲେ ଦୁଃଖ ଭଣ୍ଡା ହୁଏନି – ମାଟି ଓଦା ହେଲେ ଦୁଃଖ ଭଣ୍ଡା ହୁଏ । ପେଟକୁ ଖାଦ୍ୟ ମିଳେ ।" ବଣ୍ଡା ଜାତିରେ ନାରୀର ଭୂମିକା ହେଉଛି ମୁଖ୍ୟ । ପୁରୁଷ ହୁଏତ ତାର ଖାଇ ଯେକୌଣସି ମୁହୂର୍ତ୍ତରେ ଅକାଳ ମୃତ୍ୟୁକୁ ବରଣ କରିପାରେ । ତେଣୁ ଖୁଆଇବା ପିଆଇବାଠାରୁ ଆରମ୍ଭ କରି ଚାଷ ଏବଂ ସଂପତ୍ତି ସମ୍ଭାଳିବା ନାରୀ ଉପରେ ନିର୍ଭର କରେ । ବୟସ ଥିଲାବେଳେ ବଣ୍ଡା ସ୍ତ୍ରୀ ନିଜ ଶିଙ୍ଗରେ ମାଟିତାଡ଼ି ପରିବାର ଗଢ଼େ । ବୟସ ଢଳିଲାବେଳେ କୁଆନ୍ ସ୍ୱାମୀ ବୁଢ଼ୀ ସ୍ତ୍ରୀର ଆସ୍ଥା ହେବ, ଏ ସ୍ୱପ୍ନରେ କାଳ କାଟେ । ସ୍ୱାମୀର ସେବା ଯତ୍ନରେ କଟେ ତା'ର ଜୀବନ । ଏହି ଅଭିନବ ଦୃଷ୍ଟିକୋଣ ବାସ୍ତବିକ ଅକଳ୍ପନୀୟ । ବହୁ ପ୍ରୀତି, ସ୍ମୃତି, ବହୁ ଯୋଜନା ଭିତରେ ମଧ୍ୟ ବଣ୍ଡାଜାତି ପ୍ରାଣଦେଇ ତା'ର ପରମ୍ପରାକୁ ରକ୍ଷା କରିଆସେ । ଯଥାର୍ଥରେ କହିଲେ ଆଞ୍ଚଳିକ ନୃତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ତଥା ଜୀବନଧାରାର ବାସ୍ତବ ପରିପ୍ରକାଶ କଳା ଓ କଳ୍ପନାର ସମନ୍ୱୟରେ 'ଆଦିଭୂମି' ଉପନ୍ୟାସକୁ କରିଛି ଅବିସ୍ମରଣୀୟ । ସଂକ୍ଷେପରେ ଏହାକୁ ମାଟିରେ ମହାକାବ୍ୟ କହିଲେ ସତ୍ୟର ଅପଲାପ ହେବନାହିଁ ।


**ସହାୟକ ଗ୍ରନ୍ଥସୂଚୀ:-**

୧. ରାୟ, ପ୍ରତିଭା, ଆଦିଭୂମି, ନାଳନ୍ଦା ପ୍ରକାଶନ, କଟକ, ୧୯୯୩।
୨. ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, (ସଂ) ଓଡ଼ିଶା ସାହିତ୍ୟ ଏକାଡେମୀ, ୨୦୦୪, ଭୁବନେଶ୍ୱର।
୩. ସେନାପତି, ରବୀନ୍ଦ୍ର ମୋହନ, ଓଡ଼ିଶାର ଆଦିବାସୀ, ବିଦ୍ୟାଭାରତୀ, କଟକ, ୨୦୦୬।
୪. ମିଶ୍ର, ନୃସିଂହ ପ୍ରସାଦ, ଆଦିବାସୀ ସମାଜ ଓ ସଂସ୍କୃତି, ମନୋରମା ପବ୍ଲିଶର୍ସ, କଟକ, ୨୦୦୮।
୫. ଦାସ, ଶ୍ରୀ ଜୟା, ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସରେ ଦଳିତ ସମାଜର ଚିତ୍ର, ଆର୍ଯ୍ୟ ପ୍ରକାଶନ, କଟକ, ୨୦୦୮।
୬. Husain, S. Abid, The National Culture of India, NBT, New Delhi, India, 1978.
୭. Dube, S.C., Indian Society, NBT, New Delhi, India, 1990.
୮. ଶର୍ମା, ରାଜେନ୍ଦ୍ର, ପ୍ରକାଶ, ସ୍ୱର୍ଣ୍ଣ (ସଂ) ପ୍ରଗତିଶୀଳ ବସୁଧା, ନିରାଲାନଗର, ଭୋପାଳ, ୨୦୦୯।
୯. ଅଖିଳେଶ, ତଦ୍ଭବ, ଲକ୍ଷ୍ନୌ, ୨୦୦୯।
୧୦. ଦେବୀ, ସଂଯୁକ୍ତା କୁମାରୀ, ବିକ୍ଷୁବ୍ଧ ମଣିଷ – ବିମୋହିତ ବିଶ୍ୱ : ପ୍ରତିଭା ରାୟଙ୍କ ଉପନ୍ୟାସ ସୃଷ୍ଟିରେ ମିଥ୍ ଓ ପାରମ୍ପରିକ ମୂଲ୍ୟବୋଧ, ଅପ୍ରକାଶିତ ପିଏଚ୍.ଡି. ପାଣ୍ଡୁଲିପି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୨୦୧୦।



ବରିଷ୍ଠ ଗବେଷକ
ରାଜୀବଗାନ୍ଧି ଜାତୀୟ ଗବେଷଣା ବୃତ୍ତି
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର, ବ୍ରହ୍ମପୁର


Scanned with OKEN Scanner